ସକାଳ
THE SAKALA



## ସୌନ୍ଦର୍ଯ୍ୟକରଣ ନାମରେ ଅର୍ଥ ଆତ୍ମସାତ୍ ଅଭିଯୋଗ

# ଡେଭେଲପମେଣ୍ଟ ହେରିଟେଜ୍ କରିଡର କାର୍ଯ୍ୟ ନିମ୍ନମାନର



**ତାଳଚେର ସଦର, ୨୫ ।୧(ସମିସ)**

ତାଳଚେର୍ ହେରିଟେଜ୍ ଡେଭେଲମେଣ୍ଟ୍ ନିର୍ମାଣ କାର୍ଯ୍ୟ ନିମ୍ନମାନର ଯୋଗୁଁ ଏହାର ସ୍ଥାୟିତ୍ୱକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପୌରପାଳିକା ଦ୍ୱାରା ତାଳଚେରବାସୀଙ୍କ ପାଇଁ ହେରିଟେଜ୍ କରିଡର୍ ନିର୍ମାଣର ଭୂମି ପୂଜନରେ ମୁଖ୍ୟ ଅତିଥିଭାବେ ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଉପସ୍ଥିତ ଥିଲେ। ଚାରିକୋଟି ୪୭ ଲକ୍ଷ ବ୍ୟୟରେ ନିର୍ମାଣ ହେଇଥିବା ଏହି ସୌନ୍ଦର୍ଯ୍ୟକରଣ କାମ ତାଳଚେର ଟାଉନ ଘୋଡ଼ାସାଳଠାରୁ ଅର୍ଜୁନକଟା ବନ୍ଧ ପର୍ଯ୍ୟନ୍ତ ଛୋଟ ଛୋଟ ପାର୍କ ସହିତ ପାଣିର ସୁବିଧା ଓ ପୁରୁଣା ରାଜରାଜୁଡ଼ା ଅମଳର କୀର୍ତ୍ତିମାନର ଉନ୍ନତିକରଣ ଏହି ହେରିଟେଜ୍ କରିଡର୍ ନିର୍ମାଣର ଅସଲ ଉଦ୍ଦେଶ୍ୟ ଥିଲା ଏବଂ ତାଳଚେରବାସୀଙ୍କ ଚିତ୍ତବିନୋଦନ ପାଇଁ ଏହାର ସଫଳ ରୂପାୟନ ପରେ ସହରର ଲୋକଙ୍କ ସ୍ୱାସ୍ଥ୍ୟ ଓ ସହରର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବ ବୋଲି ତାଳଚେରବାସୀ ଆଶା କରିଥିଲେ। ୨ କୋଟି ୮୧ ଲକ୍ଷ ୭୩ ହଜାର ୧୨୯ ଟଙ୍କା ବିନିମୟରେ ହେରିଟେଜ୍ ନିର୍ମାଣ କାର୍ଯ୍ୟ ହୋଇଥିବା ବେଳେ ନିମ୍ନମାନର ନିର୍ମାଣ କାର୍ଯ୍ୟ, ରାସ୍ତାର ଉଭୟ ପାର୍ଶ୍ୱରେ ଫେବର ବ୍ଲକ ପଡ଼ିବା ପୂର୍ବରୁ ଏହା କିଛିମାସ ମଧ୍ୟରେ ରଙ୍ଗ ଛାଡ଼ିଯାଇଥିଲା। ଦେଢ଼ କିଲୋମିଟର ବିଭିନ୍ନ ସ୍ଥାନରେ ଫେବର ବ୍ଲକ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ସେହିପରି କାନ୍ଥରେ ଲାଗିଥିବା ଟାଇଲସ୍ ଭାଙ୍ଗି ଯାଇଥିବା ବେଳେ ସ୍ଥାନେ ସ୍ଥାନେ ମାଟି ଦବିବା ଦ୍ୱାରା ବିପଦଜନକ ଅବସ୍ଥା ସୃଷ୍ଟି ହୋଇଛି। ଘାସ ଗାଲିଚା ବିଭିନ୍ନ କିସମର ଫୁଲଗଛ ଆଦି ଅତି ନିମ୍ନମାନର ଲାଗିଥିବାରୁ ସେ ଜାଗାରେ କୌଣସି ଗଛ ନା ଫୁଲ ଆଉ ଦେଖିବାକୁ ମିଳୁନାହିଁ। ରକ୍ଷଣା ବେକ୍ଷଣ ଅଭାବରୁ ସେ ଜାଗାରେ ଏବେ ଗାଈଗୋରୁ ଚରୁଛନ୍ତି। ତେବେ ଏହି କାର୍ଯ୍ୟରେ ମହାଦୁର୍ନୀତି ଅଭିଯୋଗ ହେଉଥିଲେ ମଧ୍ୟ ସବୁ ଜାଣି ଚୁପ ରହିବା ନେଇ ନାନା କଥା ଶୁଣିବାକୁ ମିଳୁଛି । ଏଠାରେ ସୂଚନାଯୋଗ୍ୟ ଯେ, ସମ୍ପୃକ୍ତ ଠିକାଦାରକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅହେତୁକ ଅନୁକମ୍ପା ଦେଖାଯାଇ କାର୍ଯ୍ୟାଦେଶ ଦିଆଯିବାର ରହସ୍ୟ ନେଇ ଏବେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷରେ ସ୍ୱଚ୍ଛତାର କଥା କହି ବିଭାଗୀୟ ଯନ୍ତ୍ରୀ ଓ କାର୍ଯ୍ୟ କରିଥିବା ଏନବିସିସି ଠିକାଦାର ମଧ୍ୟରେ ମଧୁଚନ୍ଦ୍ରିକା ଏବେ ପଦାରେ ପଡିଛି। କାରଣ ପାଚେରି ନିର୍ମାଣରେ ବ୍ୟବହୃତ ପ୍ରତ୍ୟେକ ଅନୁସାଙ୍ଗିକ ଷ୍ଟିଲ ଗ୍ରୀଲ ସାଙ୍ଗକୁ ରଙ୍ଗୀନ ଲାଇଟ ସାମଗ୍ରୀଗୁଡିକ ନିକୃଷ୍ଟ ମାନର ବୋଲି ଏହା ଜନସାଧାରଣରେ ଅଭିଯୋଗ ହେଉଥିଲେ ମଧ୍ୟ ଏହାକୁ କେହି ବି କର୍ଣ୍ଣପାତ କରୁନାହାନ୍ତି। ଏହି ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବକୁ ନେଇ ମଧ୍ୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିଲା। ସେହିପରି ପାଚେରି ନିର୍ମାଣରେ ବ୍ୟବହୃତ ହେଉଥିବା ଟାଇଲସ୍, ଇଟା ରୋଡଗୁଡିକ ଅତି ନିମ୍ନମାନର ସିମେଣ୍ଟ ବାଲି ଗୋଡ଼ି ମିଶ୍ରଣରେ ମଧ୍ୟ ହେରଫେର୍ ସହିତ ବାଲି ଜାଗାରେ କ୍ରସର ଡଷ୍ଟ ଓ ପାଉଁସ ଭର୍ତ୍ତିହୋଇ ନିମ୍ନମାନର କାର୍ଯ୍ୟ କରାଯାଇଥିବା ବେଳେ ଉକ୍ତ ହେରିଟେଜ୍ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ଅଭିଯୋଗ ହେଉଛି।

**● ବର୍ଷକରେ ଭାଙ୍ଗି ଚୁରମାର**

# ଓଲଟିଲା ଧାନ ବୋଝେଇ ଟ୍ରକ୍



**କଣିହାଁ, ୨୫ ।୧(ସମିସ) :** କଣିହାଁ ବ୍ଲକ ସମଲ ଥାନା ସମକୋଇ ବ୍ରିଜ୍ରେ ଗୁରୁବାର ଏକ ଧାନ ବୋଝେଇ (ଓଡି-୩୫ବି-୪୩୩୭) ଟ୍ରକ୍ ଓଲଟି ପଡ଼ିଛି । ଦୁର୍ଘଟଣାସ୍ଥଳରେ କେହି ଆହତ ହୋଇନଥିବା ବେଳେ ଟ୍ରକ୍ ଲୋଡିଂ ହୋଇଥିବା ୫୦୮ ବ୍ୟାଗ୍ରୁ ପ୍ରାୟ ୪ଶହ ବ୍ୟାଗ୍ ସମାକୋଇ ପାଣିରେ ଭସେଇ ନେଇଥିବା ଜଣାପଡ଼ିଛି। ଆଜି ଅପରାହ୍ନରେ ଏହି ଅଘଟଣ ଘଟିଥିଲା । ଉକ୍ତ ଟ୍ରକ୍ଟି ପରାବିଲ୍ ସେବା ସମବାୟ ସମିତି ପକ୍ଷରୁ ୯ଜଣ ଚାଷୀଙ୍କଠାରୁ ୫୦୮ ବ୍ୟାଗ୍ ସଂଗ୍ରହ କରାଯାଇଥିଲା । ଧାନ ଲୋଡିଂ କରି ଗନ୍ତବ୍ୟ ସ୍ଥଳକୁ ଯିବା ବେଳେ ସମାକୋଇ ବ୍ରିଜ୍ରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । ତୁଳସୀ ରାଇସ୍ ମିଲର୍ ପକ୍ଷରୁ ଏହି ଧାନ କିଣାଯାଇଥିବା ବେଳେ ୨୪୮.୫୭କୁଇଣ୍ଟାଲ୍ ଧାନ କ୍ରୟ କରିଥିବା ପରାବିଲ୍ ସେବା ସମବାୟ ସମିତି ପକ୍ଷରୁ କୁହାଯାଇଛି ।

# ଅନନ୍ତ ଡିଏଭିରେ ପୁସ୍ତକ ମେଳା




**ତାଳଚେର, ୨୫ ।୧(ସମିସ):** ଏମସିଏଲ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ୍ ସ୍କୁଲ, ଅନନ୍ତ ବିହାର ପରିସରରେ ପୁସ୍ତକ ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଏମସିଏଲ ଜଗନ୍ନାଥ କ୍ଷେତ୍ରର ଫାଇନାନ୍ସ ମ୍ୟାନେଜର ଦିନେଶ କୁମାର ପଣ୍ଡା ଏବଂ ଡେପୁଟି ମ୍ୟାନେଜର (ଫାଇନାନ୍ସ)ମାନସ ରଞ୍ଜନ ନାୟକ ଉଦଘାଟନ କରିଥିଲେ । ବିଦ୍ୟାଳୟର ଅଧକ୍ଷା ତଥା ଡିଏଭି ଓଡିଶା ଓଡ଼ିଆ ମାଧ୍ୟମ ବିଦ୍ୟାଳୟ ସମୂହର ସଂକୁଳ ମୁଖ୍ୟା ଜ୍ୟୋତି ମିଶ୍ରଙ୍କ ଉଦ୍ୟମରେ ଏହି ପୁସ୍ତକ ମେଳାର ଆୟୋଜନ କରାଯାଇଥିଲା । ପୁସ୍ତକ ମେଳାରେ ସାଇନାଥ ପବ୍ଲିକେଶନ (ଭୁବନେଶ୍ୱର), କାହାଣୀ ପବ୍ଲିକେଶନ (କଟକ), ଅକ୍ସଫୋର୍ଡ ପବ୍ଲିକେଶନ (ଭୁବନେଶ୍ୱର), ମା' ତାରିଣୀ ପୁସ୍ତକ ମନ୍ଦିର (କଟକ), କ୍ରିଷ୍ଣାମୂର୍ତ୍ତି ଫାଉଣ୍ଡେସନ (କଟକ) ଏବଂ ବିଦ୍ୟାମନ୍ଦିର, ବଲଣ୍ଡା (ତାଳଚେର) ପୁସ୍ତକ ବିକ୍ରୟ କରିଥିଲେ। ବିଦ୍ୟାଳୟର ଗ୍ରନ୍ଥାଗାରିକ ଦୀପକ କୁମାର ମହାନ୍ତି ପିଲାମାନଙ୍କୁ ପୁସ୍ତକ କ୍ରୟ କରିବା ନିମନ୍ତେ ପ୍ରେରିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଡ଼କ୍ଟର ଅନ୍ତର୍ଯ୍ୟାମୀ ସାହୁ, ଅଞ୍ଜନ ମୁଦୁଲି, କରୁଣାକର ସାହୁ, ସୀମାଂଚଳ ପତି, ଶିକ୍ଷୟିତ୍ରୀ ବିଶ୍ୱ ବିଜୟିନୀ ରାମନନ୍ଦିନୀ, ଶିକ୍ଷକ ଧିରେନ୍ କୁମାର ପ୍ରଧାନ, ସମ୍ପଦ ଜେନା, ସୁଧାଂଶୁ ସ୍ୱାଇଁ, ସବ୍ୟସାଚୀ ପ୍ରଧାନ, ମହେନ୍ଦ୍ର ବେହେରା, ରୀତାରାଣୀ ତ୍ରିପାଠୀ, ଜ୍ୟୋତି ଜିନ୍ଦଲ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ମନସ୍ୱିନୀ ନନ୍ଦ, ରଞ୍ଜନ ସାମଲ, ନିରଞ୍ଜନ ସାହୁ, ରବି ନାରାୟଣ ପଣ୍ଡାଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଜାତୀୟ ମତଦାତା ଦିବସ ପାଳିତ

**ଅନୁଗୋଳ, ୨୫ ।୧(ସମିସ):** ଜିଲ୍ଲା ପ୍ରଶାସନର ନିର୍ବାଚନ ବିଭାଗ ଓ ଅନୁଗୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ମିଳିତ ସହଯୋଗରେ ୧୪ତମ ଜାତୀୟ ମତଦାତା ଦିବସ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଶାନ୍ତନୁ କୁମାର ସର ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, କୁଇଜ୍ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ଏବଂ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ଜିଲ୍ଲା ସ୍ତରର ଶ୍ରେଷ୍ଠ ବୁଥ୍ ଲେଭଲ୍ ଅଫିସର ଓ ଉପଖଣ୍ଡ ସ୍ତରରେ ଶ୍ରେଷ୍ଠ ସୁପରଭାଇଜର୍ ଏବଂ ଶ୍ରେଷ୍ଠ ଏ.ଇ.ଆର୍.ଓଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବାହ୍ନରେ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚିଲା। ଏହାକୁ ଅତିରିକ୍ତ ଜିଲ୍ଲାପାଳ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଗୋଳ ଉପଜିଲ୍ଲାପାଳ ବରତ୍ୟେନ୍ଦୁ ମହାନ୍ତି, ସହକାରୀ ଜିଲ୍ଲାପାଳ ସୁକାନ୍ତ କୁମାର ଦାସ, ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସିଂଙ୍କ ପ୍ରମୁଖ ଯୋଗ ଦେଇଥିଲେ।

# ଭାଷା ସାହିତ୍ୟ କାର୍ଯ୍ୟକ୍ରମ

**କିଶୋରନଗର, ୨୫।୧(ସମିସ):** କିଶୋରନଗର +୨ କଲେଜରେ 'ନୂଆ- ଓ' କାର୍ଯ୍ୟକ୍ରମର ଓଡ଼ିଆ ଭାଷା ଓ ସାହିତ୍ୟ ତଥା ଜଗନ୍ନାଥ ସଂସ୍କୃତିର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରବଚକ ତଥା ଶିକ୍ଷାବିତ୍ ବିଶ୍ୱନାଥ ଦ୍ୱିବେଦୀ, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଦଧିବାମନ ପ୍ରଧାନ ଓ ଅବସରପ୍ରାପ୍ତ ଗ୍ରନ୍ଥଗରିକା ନବକିଶୋର ଦାସ ଅତିଥି ଭାବରେ ଯୋଗଦେଇଥିଲେ. । ଅଧକ୍ଷ ସୁଶାନ୍ତ କୁମାର ପ୍ରଧାନ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଓ ପ୍ରାଧ୍ୟାପକ ବାବୁଲାଲ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପାଞ୍ଚଦିନ ଧରି ଏହି କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା. ଛାତ୍ରଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ପରେ ଅଧ୍ୟାପିକା ସୁନେଲିକା ଖମାରି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସଂଯୋଜନା କରିଥିଲେ ଅଧ୍ୟାପକ ନୀଳକଣ୍ଠ ପ୍ରଧାନ।

# ସ୍ୱତନ୍ତ୍ର ରୋଗୀ କଲ୍ୟାଣ ସମିତିର ଆନ୍ତଃବିଭାଗୀୟ ସମିଶ୍ରଣ ବୈଠକ

**କୋଶଳା, ୨୫ ।୧(ସମିସ):** ଛେଣ୍ଡିପଦା ବ୍ଲକ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ସ୍ୱତନ୍ତ୍ର ରୋଗୀ କଲ୍ୟାଣ ସମିତିର ଆନ୍ତଃ ବିଭାଗୀୟ ସମ୍ମିଶ୍ରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଛେଣ୍ଡିପଦା ବିଧାୟକ ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ଅଧକ୍ଷା ସୁମିତ୍ରା ସାହୁ, ୧୬ ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ସାହୁ, କୋଶଳା ସରପଞ୍ଚ ଉଦିତ କୁମାର ପ୍ରଧାନ ଉପସ୍ଥିତ ଥିଲେ। ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଆଶିଷ ପାଣିଙ୍କ ପରିଚାଳନାରେ ଏହି ବୈଠକରେ ୨୦୨୩-୨୪ ବର୍ଷର ଆର୍ଥିକ ବ୍ୟୟ ଉପରେ ଆଲୋଚନା କରାଯାଇଥିଲା। ୨୦୨୪ ବର୍ଷ କିଛି ସ୍ୱତନ୍ତ୍ର ଖର୍ଚ୍ଚ ଆକଳନ ପ୍ରସ୍ତାବ ସହ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଭିତ୍ତିଭୂମି ନିର୍ମାଣ, କାୟାକଳ୍ପ ରାଶିର ଉପଯୁକ୍ତ ବିନିଯୋଗ, ବର୍ଜ୍ୟବସ୍ତୁ ପରିଚାଳନା, ପରିମଳ, ନିର୍ମଳ ଯୋଜନାରେ ସ୍ୱଚ୍ଛତା ଉପରେ ଆଲୋଚନା କରାଥିଲା। ମୋ ହସ୍ପିଟାଲ ଯୋଜନାରେ କାର୍ଯ୍ୟକାରୀ ହେଉଥିବା ଭିତ୍ତିଭୂମିର ଅଗ୍ରଗତି ଉପରେ ସମୀକ୍ଷା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହିଳା ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ବନବିଭାଗ ଅଧିକାରୀଙ୍କ ସମେତ ସ୍ୱାସ୍ଥ୍ୟ ମିଶନର ଗୋଷ୍ଠୀ ପରିଚାଳକ ସଞ୍ଜୟ ସାହୁ, ବିତ୍ତ ପରିଚାଳକ ଅନୀଲ କୁମାର ଧର ପ୍ରମୁଖ ଉପସ୍ଥିତ ଥିଲେ।

# ମା' ବାଉତିଙ୍କ ବାର୍ଷିକ ଯାତ୍ରା



**ବଅଁରପାଳ, ୨୫।୧(ସମିସ):** ବଅଁରପାଳ ବ୍ଲକ ଅନ୍ତର୍ଗତ ଗଡ଼ ବୁଢ଼ାପଙ୍କ ଗ୍ରାମରେ ପୌଷ ପୂର୍ଣ୍ଣିମା ଅବସରରେ ଆଜି ମା' ବାଉତିଙ୍କ ବାର୍ଷିକ ଯାତ୍ରା ଉତ୍ସବ ପାଳିତ ହୋଇଯାଇଛି। ଗ୍ରାମବାସୀଙ୍କ ସହଯୋଗରେ ବାଜା, ବାଣ, ରୋଷଣୀ, ଢୋଲ, ଡିଜେ, ପାଇକ ନୃତ୍ୟ, ଦଣ୍ଡ ନୃତ୍ୟ ପ୍ରଭୃତି ସହିତ ଏକ ବିରାଟ ପଟୁଆରରେ ମା' ବାଉତି ଗଡ଼ସାହି ସ୍ଥିତ ଗ୍ରାମ ପୀଠଘରୁ ବାହାରି ଗ୍ରାମ ପରିକ୍ରମା ପରେ କୁସୁମ ମୁଳିଆ ପୀଠ ବାଉତିକ ପୀଢ଼ରେ ପହଞ୍ଚି ଥିଲେ। ପୂର୍ବରୁ ଗ୍ରାମରେ ଯାତ୍ରାର ମାସେ ଆଗରୁ ପୂଜାର୍ଚ୍ଚନା ଚାଲିଥାଏ। ପୀଠସ୍ଥଳରେ ଶହ ଶହ ସଂଖ୍ୟାରେ ବିଭିନ୍ନ ସମସ୍ୟା, ରୋଗ ବ୍ୟାଧି, ମାନସିକଧାରୀମାନେ ପୂର୍ବଦିନରୁ ଉପବାସ କରି ମା'ଙ୍କ ଆଗମନକୁ ଅପେକ୍ଷା କରି ରହିଥାନ୍ତି। ଅର୍ଦ୍ଧରାତ୍ର ବେଳେ କାଳସୀ ଆସିବା ପରେ ମାନସିକଧାରୀମାନେ ପ୍ରସାଦ ଓ ଆଶୀର୍ବାଦ ପାଇ ମାନସିକ ଭାଙ୍ଗିବେ। ଏହି ଯାତ୍ରା ଦୁଇ ଦିନ ଧରି ଚାଲିବାକୁ ଥିବା ବେଳେ ବାଉତୀକ ପଡିଆରେ ବିଭିନ୍ନ ପ୍ରକାରର ଦୋକାନ ବଜାର ବସିଛି। ଉତ୍ସବକୁ ଗ୍ରାମ କମିଟି, ଗ୍ରାମବାସୀ, ସରପଞ୍ଚ, ପୂର୍ବତନ ସରପଞ୍ଚ ଓ ପୂଜା କମିଟି ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି।

# ବିଜେଡିର ସାଂଗଠନିକ ବୈଠକ

**କୁଇଓ, ୨୫ ।୧(ସମିସ):** ଅନୁଗୋଳ ଜିଲ୍ଲା ମଝିକା ଶିବ ମନ୍ଦିରଠାରେ ପୂର୍ବତନ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଦାସଙ୍କ ନେତୃତ୍ୱରେ୨୫, ୨୬ ନମ୍ବର ଜୋନର ବିଜୁ ଜନତା ଦଳ ପକ୍ଷର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଛେଣ୍ଡିପଦା ପର୍ଯ୍ୟବେକ୍ଷକ ଲେପୁ ଦାସ ଯୋଗଦେଇ ଆଗାମୀ ଦିନରେ ସରକାରଙ୍କ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା, ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ପାଇଁ ଜିତାଇବା, ତୃଣମୂଳ ସ୍ତରରେ ସଂଗଠନକୁ ମଜବୁତ୍ କରିବା ନେଇ ଆଲୋଚନା ହୋଇଥିଲା । ଏହି ବୈଠକରେ ୧୮ ଟି ପଞ୍ଚାୟତର ବିଜେଡି ସଭାପତି, ସମ୍ପାଦକ, ବୁଥ୍ କମିଟି, ୱାର୍ଡ କମିଟି ମେମ୍ବର ଓ କର୍ମୀ ଯୋଗ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ୨୫ ।୧(ସମିସ):** ସାମାଜିକ ସଂଗଠନ 'ସ୍ପନ୍ଦନ' ତରଫରୁ ଏବଂ ଆରଟିଓ, ଅନୁଗୋଳ ଆନୁକୂଲ୍ୟରେ କାଣ୍ଡସରସ୍ଥ ଦିବ୍ୟଜୀବନ ଉଚ୍ଚବିଦ୍ୟାଳୟ ପରିସରରେ ଜାତୀୟ ସଡ଼କ ସୁରକ୍ଷା ମାସ ଉପଲକ୍ଷେ ଏକ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମକୁ ନାଲକୋ ନଗର ମଡେଲ ପୁଲିସ ଷ୍ଟେସନର ଅଧିକାରୀ ପ୍ରଦୀପ ମହନ୍ତ ଉଦଘାଟନ କରିଛନ୍ତି । ଅନ୍ୟ ଅତିଥି ଉଦୟନାଥ ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ନଗେନ ପ୍ରଧାନ, ନାଏବ ସରପଞ୍ଚ, କାଣ୍ଡସର ଗ୍ରାମ ପଞ୍ଚାୟତ, ଶ୍ରୀକାନ୍ତ ସାହୁ, ସମାଜସେବୀ, କାଣ୍ଡସର ଗ୍ରାମ, ଗନ୍ଧର୍ବ ଚରଣ ଦାସ, ପ୍ରଧାନ ଶିକ୍ଷକ, ଦିବ୍ୟଜୀବନ ଉଚ୍ଚ ବିଦ୍ୟାଳୟ, ଅସୀମା ଦାସ, ଶିକ୍ଷୟିତ୍ରୀ , ଶିକ୍ଷକ ପରେଶ୍ କୁମାର ଷଡଙ୍ଗି, ଶୋଭାନନ୍ଦ ଆଚାର୍ଯ୍ୟ, ସୁନିଲ ଦାସ, ସବୁଜ ଭୂତିଆ, ମନୋଜ କୁମାର ସାହୁ ପ୍ରମୁଖ ସଭା କାର୍ଯ୍ୟରେ ସହଯୋଗ କରିଥିଲେ।

# ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

**ତାଳଚେର ସହର ୨୫ ।୧(ସମିସ):** ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ ତମ ଜନ୍ମ ମହୋତ୍ସବ ଓ ଦଶମ ବାର୍ଷିକ ଉଦବୋଧନୀ ସ୍ମୃତି ମହୋତ୍ସବ ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ ସମଲ ବ୍ୟାରେଜ ସତସଙ୍ଗ କେନ୍ଦ୍ରଠାରେ ପାଳିତ ହୋଇଯାଇଛି। ବ୍ରାହ୍ମମୁହୂର୍ତ୍ତେ ବେଦ ମାଙ୍ଗଳିକ ଓ ନହବତ କାର୍ଯ୍ୟ ସମ୍ପନ୍ନ ପରେ ପ୍ରତ୍ୟୁଷରେ ଉଷା କୀର୍ତ୍ତନ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମ ସତସଙ୍ଗ କେନ୍ଦ୍ରର ସଂପ୍ରତି ରିତିକ୍ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ବେଳେ ଅନ୍ୟ ଗୁରୁଭାଇ ଏବଂ ମାଆ ମାନେ ପୂର୍ଣ୍ଣ ସହଯୋଗ କରିଥିଲେ। ପ୍ରାୟ ୭ ଶହ ଭକ୍ତ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ଜାତୀୟ ମତଦାତା ଦିବସ

**ତାଳଚେର ସଦର, ୨୫ ।୧(ସମିସ):** ତାଳଚେର ଉପ ଜିଲ୍ଲାପାଳଙ୍କ ସମିଳନୀ କକ୍ଷଠାରେ ୧୪ତମ ଜାତୀୟ ମତଦାତା ଦିବସ ଉପ ଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଅନ୍ୟମାନଙ୍କ ମଧ୍ୟରେ ଗୋଷ୍ଠୀ ଉନ୍ନୟନ ଅଧିକାରିଣୀ ଚିନ୍ମୟୀ ଚେତନା ଦାଶ, ତହସିଲଦାର ଡ଼ ରୋଜାଲିନ ବେହେରା, ଡେପୁଟି କଲେକ୍ଟର ଅନିଲ କୁମାର ପାଣିଗ୍ରାହୀ, ସହକାରୀ ଜିଲ୍ଲାପାଳ ପୁଷ୍ପିତା ମଧୁସ୍ମିତା ଦେହୁରୀ ଓ ନିବେଦିତା ନାୟକ, ପୌରାଧିକାରୀ ବଳୟ କୁମାର ଦେହୁରୀ, ତାଳଚେର ସ୍ୱୟଂ ଶାସିତ ମହାବିଦ୍ୟାଳୟ, ନୀଳକଣ୍ଠେଶ୍ୱର ମହାବିଦ୍ୟାଳୟ, ଶିଳ୍ପାଞ୍ଚଳ ମହିଳା ମହାବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକଗଣ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀବୃନ୍ଦ ଓ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# 'ଆମ କୁନାକୁନି'ର ମକର ବିଶେଷାଙ୍କ ଲୋକାର୍ପିତ



**ତାଳଚେର, ୨୫ ।୧(ସମିସ):** ଇଂରାଜୀ ନବବର୍ଷ ପାଳନ ଅବସରରେ ତାଳଚେର ବ୍ଲକ କଳମଛୁଇଁ ଗ୍ରାମସ୍ଥିତ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମା' ହିଙ୍ଗୁଳା ପାଠାଗାର ଆନୁକୂଲ୍ୟରେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା 'ଆମ କୁନାକୁନି'ର ମକର ବିଶେଷାଙ୍କ ଉନ୍ମୋଚିତ ହୋଇଯାଇଛି। ୨୧ତମ ତାଳଚେର ପୁସ୍ତକ ମେଳା ହାଟତୋଟାସ୍ଥିତ ପ୍ରଜାମଣ୍ଡଳ ଭବନ ପରିସରରେ ଅନୁଷ୍ଠିତ ହେଉଛି। ଉଦଘାଟନୀ ସମାରୋହରେ ତାଳଚେର ପୁସ୍ତକ ମେଳା କମିଟିର ସଭାପତି ତଥା ସ୍ଥାନୀୟ ଉପଜିଲ୍ଲାପାଳ ମନୋଜ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଉଦଘାଟକ ଭାବରେ ଢେଙ୍କାନାଳ ସାଂସଦ ମହେଶ ସାହୁ, ମୁଖ୍ୟ ଅତିଥି ଭାବରେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ମୁଖ୍ୟ ବକ୍ତା ଭାବରେ ବିଶିଷ୍ଟ ଲେଖିକା ଡକ୍ଟର ହିରଣ୍ମୟୀ ମିଶ୍ର, ସମ୍ମାନିତ ଅତିଥି ଭାବରେ ପୁସ୍ତକମେଳା କମିଟିର ଉପସଭାପତି ତଥା ଏସଡିପିଓ ମାନସ ରଞ୍ଜନ ବାରିକ, କମିଟିର ସାଧାରଣ ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ଦେବୀ ମିଶ୍ର, ଉପସଭାପତି ଡ.ରଶ୍ମିରଞ୍ଜନ ମିଶ୍ର, ଅନ୍ୟତମ ଉପସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗ୍ମ ସଂପାଦକ ବିରଜା ଶଙ୍କର ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ତ୍ରୈମାସିକ ଶିଶୁ କିଶୋର ପତ୍ରିକା ଆମ କୁନାକୁନିର ମକର ବିଶେଷାଙ୍କକୁ ଅତିଥିମାନେ ଉନ୍ମୋଚିତ କରିଥିଲେ। ଏହି ଉତ୍ସବରେ ପତ୍ରିକାର ସଂପାଦକ ବିଭୂତି ଭୂଷଣ ସ୍ୱାଇଁଙ୍କ ସମେତ ପତ୍ରିକାର ଉପଦେଷ୍ଟା ଗବେଷକ ବିଭୂତି ଭୂଷଣ ସାହୁ ଓ ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥ ଉପସ୍ଥିତ ଥିଲେ।

# ଅଯୋଧ୍ୟା ଅକ୍ଷତ ବଣ୍ଟନ ନେଇ ସମୀକ୍ଷା ବୈଠକ

**ଅନୁଗୋଳ ୨୫ ।୧(ସମିସ):** ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧ୍ୟା ଅନୁଗୋଳ ଜିଲ୍ଲାର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ନାଲକୋ ନଗର ଭାରତ ମାତା ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ଅଯୋଧାରେ ଜାନୁଆରୀ ୨୨ ରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ଦିନ ଅନୁଗୋଳ ଜିଲ୍ଲାର ସବୁ ଘରେ ଘରେ ଦୀପ ଜାଳିବା ସହ ଦୀପାବଳି ଉତ୍ସବ ପାଳନ କରାଯାଇଥିବାର ପରିଲକ୍ଷିତ ହେଉଛି । ବୈଠକରେ ସମସ୍ତ କାର୍ଯ୍ୟ ଉପରେ ସମୀକ୍ଷା କରାଯାଇଥିଲା । ଉକ୍ତ ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ଅଖିଳ ଭାରତୀୟ ସେବା କାର୍ଯ୍ୟକାରିଣୀ ସଦସ୍ୟ ହରିଶ ଚନ୍ଦ୍ର ପ୍ରଧାନ, ଜିଲ୍ଲା ସଂଘଚାଳକ ବିଜୟ କୁମାର ସାହୁ, ଜିଲ୍ଲା ସହ ସଂଘଚାଳକ ଗିରିଧାରୀ ଶତପଥୀ, ଜିଲ୍ଲା କାର୍ଯ୍ୟବାହକ ଅନିଲ ମହାନ୍ତି, ଜିଲ୍ଲା ସହ କାର୍ଯ୍ୟବାହକ ବାବୁଲି ସାମଲ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମାୟାଧର ସାହୁ, ଜିଲ୍ଲା ସଂଯୋଜକ ଶ୍ରୀନିବାସ ଖୁଣ୍ଟିଆ, ପର୍ଶୁରାମ ବାରିକ ସୂର୍ଯ୍ୟକାନ୍ତ ମହାନ୍ତି, ଶ୍ରୀକାନ୍ତ ବିଶ୍ୱାଳ, ନିପୁ ଭୁତିଆ, ପବିତ୍ର ସାହୁ, ପ୍ରତାପ ଦ୍ୱିବେଦୀ, ସଞ୍ଜୟ ଦେହୁରୀ, ବେଣୁଧର ଥମ୍ବ, ପଞ୍ଚାନନ ସାହୁଙ୍କ ସମେତ ସମସ୍ତ ଖଣ୍ଡ ଓ ନଗରରେ ଦାୟିତ୍ୱରେ ଥିବା ସଂଯୋଜକ ଓ ସହ ସଂଯୋଜକ ଯୋଗ ଦେଇଥିଲେ।

# ଜଙ୍ଗଲ ସୁରକ୍ଷା ପାଇଁ ଶପଥ ନେଲେ ଗ୍ରାମବାସୀ




**ଅନୁଗୋଳ, ୨୫ ।୧(ସମିସ)**

ଆଗକୁ ଆସୁଛି ଖରାଦିନ। ଜଙ୍ଗଲରେ ନିଆଁ ଲାଗିବା ଆଶଙ୍କା ରହିଛି । ତେଣୁ ଆରମ୍ଭରୁ ହିଁ କିଭଳି ଜଙ୍ଗଲ ନିଆଁକୁ ନିୟନ୍ତ୍ରଣ କରାଯାଇପାରିବ ଏବଂ ଜଙ୍ଗଲରେ ନିଆଁ ନଲାଗିବ ସେଥିପାଇଁ ସାମୂହିକ ଶପଥ ନେଇଛନ୍ତି ଗ୍ରାମବାସୀ । ଅନୁଗୋଳ ବନଖଣ୍ଡ ଜରପଡ଼ା ରେଞ୍ଜର ପ୍ରାୟ ୩୦ ଗାଁର ଲୋକେ ଏକାଠି ହୋଇ ନେଇଛନ୍ତି ଏହି ବଜ୍ର ଶପଥ। ଅନୁଗୋଳ, ବନଖଣ୍ଡରେ ଜରପଡ଼ା ବନାଞ୍ଚଳ ହେଉଛି ଗୁରୁତ୍ୱପୂର୍ଣ୍ଣ । ଜଙ୍ଗଲ ନିଆଁ ଯୋଗୁ ଆଖପାଖ ପରିବେଶ ମଧ୍ୟ ପ୍ରଦୂଷିତ ହୋଇଯାଏ। ଏହାକୁ ଦୃଷ୍ଟିରେ ରଖି ଏହି ବନାଞ୍ଚଳରେ ଥିବା ପ୍ରାୟ ୩୦ଖଣ୍ଡ ଗାଁର ଲୋକେ ପ୍ରତିବର୍ଷ ଖରାଦିନ ପୂର୍ବରୁ ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ନିଜକୁ ପ୍ରସ୍ତୁତ କରନ୍ତି । ଚଳିତ ବର୍ଷ ମଧ୍ୟ ଅନ୍ତୁଳିଆ ଜଙ୍ଗଲ ଭିତରେ ଜଙ୍ଗଲ ବିଭାଗ ତତ୍ତ୍ୱାବଧାନରେ ଏକ କର୍ମଶାଳାର ଆୟୋଜନ ହୋଇଥିଲା । ଏଥିରେ ବନ ସୁରକ୍ଷା ସମିତି ଗୁଡିକର ଶତାଧିକ ସଦସ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଅଞ୍ଚଳର ସରପଞ୍ଚ ଓ ଅନ୍ୟ ନିର୍ବାଚିତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଗାଁ ଗାଁରେ ସଚେତନତା ସଭା କରିବା, ଶୋଭାଯାତ୍ରା କରିବା ଏବଂ ଜଙ୍ଗଲକୁ ଲାଗି ରହିଥିବା ଗାଁ ଗୁଡିକରେ ଘର ଘର ବୁଲି ଲୋକଙ୍କୁ ବୁଝାଇବାକୁ ନିଷ୍ପତ୍ତି ନେଇଥିଲେ। ଜରପଡ଼ା ବନାଞ୍ଚଳରେ ୨୯ଟି ବନ ସୁରକ୍ଷା ସମିତି ଅଛି । ସେଗୁଡିକ ମଧ୍ୟରୁ ବହୁ ବନ ସୁରକ୍ଷା ସମିତି ଲଣ୍ଡା ପାହାଡ଼କୁ ସବୁଜିମାରେ ପରିଣତ କରି ପୁରସ୍କୃତ ହୋଇଛନ୍ତି ।



## ବନ୍ଦ ରହିଲା ଝାଡ଼ବନ୍ଧ ପୌଷଯାତ୍ରା



**ଓଡାପଡ଼ା, ୨୫।୧ (ସସିମ) :** ଢେଙ୍କାନାଳ ଜିଲ୍ଲା ବାଲିମୀଥାନା ଅନ୍ତର୍ଗତ ଝାଡ଼ବନ୍ଧ ଗ୍ରାମର ମା 'କତମାଶୁଣୀ ପୀଠରେ ବହୁବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ପୌଷ ପୂର୍ଣ୍ଣିମା ଯାତ୍ରା ଚଳିତବର୍ଷ ବନ୍ଦ ରହିଲା। ୨୦୧୯ ମସିହାରୁ ଗାଁର ଦୁଇଗୋଷ୍ଠୀ ବିବାଦ ଯୋଗୁଁ ମା' କତମାଶୁଣୀଙ୍କ ବିଜେସ୍ଥଳରେ ୧୪୪ ଧାରା ଜାରିହୋଇ ଯାତ୍ରା ବନ୍ଦ ରହୁଥିଲା। ଚଳିତବର୍ଷ ଗାଁର କିଛି ଆଗ୍ରହୀ ବ୍ୟକ୍ତି ମିଳିତ ଭାବରେ ଶାନ୍ତିପୂର୍ଣ୍ଣ ଭାବେ ମା'ଙ୍କ ପୂଜାର୍ଚ୍ଚନା କରିବା ସହିତ ଦୁଇଦିନିଆ ଯାତ୍ରା କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ହେଁ ସ୍ଥାନୀୟ ବାଲିମୀ ଥାନା ଓ ହିନ୍ଦୋଳ ପ୍ରଶାସନିକ ଅଧିକାରୀମାନେ ରୋକଠୋକ ମନା କରିଦେଲେ। ଯଦ୍ଦ୍ୱାରା ମା'ଙ୍କ ପୂଜାର୍ଚ୍ଚନାରେ ଚଳିତବର୍ଷ ପୌଷ ପୂର୍ଣ୍ଣିମା ପର୍ବ ସୀମିତ ରହିଲା।

## ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟଙ୍କ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ



**କାମାକ୍ଷାନଗର, ୨୫।୧ (ସମିସ) :** ଆଜି ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ଛତୁଆ ପ୍ରସ୍ତୁତ କେନ୍ଦ୍ର ଅଚାନକ ପରିଦର୍ଶନ କରିଛନ୍ତି ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା। କାର୍ଯ୍ୟକ୍ରମ ଅନୁସାରେ ପରଜଙ୍ଗ ବ୍ଲକର ଶକ୍ତି ମା' ଲକ୍ଷ୍ମୀନାରାୟଣ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ର, ସାନକମର ଏବଂ ଶକ୍ତି ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରି ଛତୁଆ ପ୍ରସ୍ତୁତର ମାନ ଯାଞ୍ଚ କରିଥିଲେ। ପରିଦର୍ଶନ ସମୟରେ ସିଡିପିଓ ଓ ସୁପରଭାଇଜର ଉପସ୍ଥିତ ଥିଲେ। ମିଶ୍ରଣ କେନ୍ଦ୍ରରେ ଛତୁଆ, ବୁଟ, ସୁଜି ଏବଂ ମୁଢ଼ି ପ୍ୟାକେଟ ଗୁଡ଼ିକର ସେ ଓଜନ ପରଖିଥିଲେ।

## ଲୋକକଳା ମାଧ୍ୟମରେ ରୂପାନ୍ତରିତ ଓଡ଼ିଶା କାର୍ଯ୍ୟକ୍ରମର ଶୁଭାରମ୍ଭ



**କାମାକ୍ଷାନଗର, ୨୫।୧(ସମିସ):** ରାଜ୍ୟର ପ୍ରତି କୋଣ, ଅନୁକୋଣରେ ପହଞ୍ଚିବ ରୂପାନ୍ତରିତ ଓଡ଼ିଶାର ବାର୍ତ୍ତା। ଏହି ବାର୍ତ୍ତାକୁ ଜନସାଧାରଣଙ୍କ ସମ୍ମୁଖରେ ପହଞ୍ଚାଇବ ଓଡ଼ିଆ ଲୋକକଳା। ଯାହାର ଶୁଭାରମ୍ଭ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହୋଇଛି। ଏହି କ୍ରମରେ ଆଜି କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆଭାସୀ ମାଧ୍ୟମରେ ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ସଂକୀର୍ତ୍ତନ କମିଟି, ପାଲା ଗାୟକ, ବିଭିନ୍ନ ଲୋକନୃତ୍ୟ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କାମାକ୍ଷାନଗର ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ଏବିଡିଓ ଝରଣା ସାମଲ ଉପସ୍ଥିତ ଥିଲେ।

## ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ଢେଙ୍କାନାଳ,୨୫।୧(ସମିସ):** ଢେଙ୍କାନାଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଳା, ବାଣିଜ୍ୟ ଓ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀ ଯୋଗଦେଇଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ବରାଳ, ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରଫେସର ଦେବାଶିଷ ମହାନ୍ତି, ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ସଞ୍ଜିତ କୁମାର ମହାପାତ୍ର, ପ୍ରଫେସର ଶାରଦା ପ୍ରସନ୍ନ ପତି, ଆଦିତ୍ୟ ମହୋରା, ଅମୃତ ସେଠ ଯୋଗଦେଇ ବାଳିକାମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ସସ୍ମିତା ମହାରଣା, ବନ୍ଦନା ବିଶ୍ୱାଳ ଓ ପୂଜା ବେହେରା ବାଳିକାମାନଙ୍କୁ ଆତ୍ମରକ୍ଷା କୌଶଳ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକମକୁ ଅଧ୍ୟାପିକା ସସ୍ମିତା ରାଏ, ଶ୍ରେୟସୀ ଖୁଣ୍ଟିଆ ଓ ଶୁଭଶ୍ରୀ ରାଉତରାଏ ପରିଚାଳନା କରିଥିଲେ।

● ଆଦିବାସୀ ମହିଳାଙ୍କୁ ଅସଦାଚରଣ ଅଭିଯୋଗ

# ଏସ୍‌ଡିପିଓ ଅଫିସ ଘେରିଲେ ଶତାଧିକ ଆଦିବାସୀ

**କାମାକ୍ଷାନଗର, ୨୫।୧(ସମିସ)**

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ଗ୍ରାମରେ ଗତ ୧୦ ତାରିଖରେ ଅବକାରୀ ବିଭାଗ ଓ ପୁଲିସ ବିଭାଗର ମିଳିତ ଚଢ଼ଉରେ ବ୍ୟାପକ ମଦ ଓ ପୋଚ ଜବତ କରାଯାଇଥିଲା। ଚଢ଼ଉ ସମୟରେ ବାଲିକୁମା ଗ୍ରାମର ଶ୍ରୀମତି ଟୁଡୁ ନାମକ ଜଣେ ଆଦିବାସୀ ମହିଳାଙ୍କୁ ଅବକାରୀ କର୍ମଚାରୀମାନେ ଅସଦାଚରଣ କରିଥିବା ନେଇ ଅଭିଯୋଗ କରାଯିବା ସହ ନ୍ୟାୟ ପାଇଁ ୧୨ ତାରିଖରେ କଙ୍କଡ଼ାହାଡ଼ ଥାନା ଘେରଉ କରି ଥାନା ଅଧିକାରୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଥିଲେ। ଘଟଣାସ୍ଥଳରେ ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକ ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ ଉପସ୍ଥିତ ରହି ଆନ୍ଦୋଳନରତ ଆଦିବାସୀଙ୍କୁ ବୁଝାସୁଝା କରି ଘଟଣାର ତଦନ୍ତ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ମାତ୍ର ଇତି ମଧ୍ୟରେ ତଦନ୍ତରେ ବିଳମ୍ବ ହେବାରୁ ପୁଣି ଶତାଧିକ ଆଦିବାସୀ ଏକାଠି ହୋଇ ଗୁରୁବାର କାମାକ୍ଷାନଗର ଏସଡିପିଓ ଅଫିସ ଘେରଉ କରିଥିଲେ। ଦୁର୍ବ୍ୟବହାର କରିଥିବା ଅବକାରୀ କର୍ମଚାରୀଙ୍କୁ ତୁରନ୍ତ ଗିରଫ କରି ମହିଳାଙ୍କୁ ନ୍ୟାୟ ଦେବା ପ୍ରତିବାଦରେ ଏହି ଆନ୍ଦୋଳନ ହୋଇଥିଲା।




ମାଝୀ ପାରଗାନା ମହଲ, ଆଦିବାସୀ ସଂଘର୍ଷ ମଞ୍ଚ, ଆଦିବାସୀ ମୁକ୍ତି ସଂଗଠନ, ଆଦିବାସୀ ଚେତନା ସଂଗଠନ, ଆଦିବାସୀ ହୋ ସମାଜ କ୍ରିୟାନୁଷ୍ଠାନ କମିଟି ଭଳି ସଂଗଠନର ଶତାଧିକ ମହିଳା ଓ ପୁରୁଷ ପାରମ୍ପରିକ ଅସ୍ତ୍ରସସ୍ତ୍ର ଧରି ଏକ ରାଲିରେ ଜିରିଡ଼ାମାଳିଠାରୁ ବାହାରି ଏସଡିପିଓ ଅଫିସ ସମ୍ମୁଖରେ ପହଞ୍ଚି ନ୍ୟାୟ ପ୍ରଦାନ ଦାବିରେ ପ୍ରତିବାଦ ସଭା କରିଥିଲେ। ମାଧବାନନ୍ଦ ମାରାଣ୍ଡିଙ୍କ ନେତୃତ୍ୱରେ ସହଦେବ ଟୁଡୁ, ପିତାମ୍ବର ମାଣ୍ଡୀ, ନରେନ୍ଦ୍ର ହେମ୍ବ୍ରମ, ନାଉରି ସୁଣ୍ଡି, ପ୍ରତାପ ମାରାଣ୍ଡି, ସୁନାମଣି ସୁରେନ, ଗଙ୍ଗାଧର ପୂର୍ତ୍ତୀ ମୋହନ ବାଗେ ପ୍ରମୁଖଙ୍କ ସହ ଶତାଧିକ ଆଦିବାସୀ ପୁରୁଷ ଓ ମହିଳା ଏହି ଘେରଉରେ ସାମିଲ ହୋଇଥିଲେ। ଘଟଣାସ୍ଥଳରେ କାମାକ୍ଷାନଗର ଅତିରିକ୍ତ ତହସିଲଦାର ଅରଣ୍ୟକ ସ୍ୱାଇଁ, କାମାକ୍ଷାନଗର ଥାନା ଅଧିକାରୀ ଶରତ କୁମାର ମହାଳିକ ପ୍ରମୁଖ ସଦଳବଳେ ଘଟଣା ଉପରେ ନଜର ରଖିଥିଲେ।

## ଶ୍ରୀ ରାମେଶ୍ୱରଙ୍କ ପୁଷ୍ୟାଭିଷେକ

**ଗନ୍ଦିଆ, ୨୫।୧ (ସମିସ):** ଗନ୍ଦିଆ ବ୍ଲକର ସବୁଜ ବନାନୀ ଘେରରେ ଅବସ୍ଥିତ ଶ୍ରୀ ରାମେଶ୍ୱର ଗଡ଼ଖଙ୍କିରାର ରାମେଶ୍ୱରଙ୍କ ଅନୁଷ୍ଠିତ ହୋଇଛି ପୁଷ୍ୟା ଅଭିଷେକ। ପ୍ରାତଃ ମଙ୍ଗଳ ଆରତୀ, ସ୍ନାନ, ସୂର୍ଯ୍ୟପୂଜା, ଗୋ ପୂଜା, ଗୁରୁ ପୂଜା, ଧରିତ୍ରୀ ପୂଜା, ବାସ୍ତୁପୂଜା କରାଯାଇ ମହାବର୍ଦ୍ଧନୀ ଘଟପୂଜା, ବିବିଧ ମଣ୍ଡଳ ପୂଜା ଓ ଷୋଡ଼ଶ ଉପଚାର ପୂଜା କରାଯାଇ ମହାସ୍ନାନ, ବାଲ୍ୟ ଧୂପ, କରାଯାଇଥିଲା। ଶ୍ରୀ ଶ୍ରୀ ଶତରୁଦ୍ର ଅଭିଷେକ, ଆଳତୀ ଓ ଧୂପ ସହିତ ଘୃତଯଜ୍ଞ ଓ ଅନ୍ନଯଜ୍ଞ ସମ୍ପନ୍ନ ହୋଇଥିଲା। ପୂଜକ ଭାବେ ଅଶୋକ ପତି, ଅର୍ଜ୍ଜୁନ ପତି, ଅନିରୁଦ୍ଧ ପତି, ଅଜୟ ପତି, ଅଜିତ ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଙ୍କଡ଼ାହାଡ଼, ୨୫।୧ (ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ବାଟଗାଁରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯାତ୍ରା ପଡ଼ିଆଠାରେ ଶୁଭ କଳସ ଯାତ୍ରାରେ ମହିଳା ପୁରୁଷମାନେ ପୋଖରୀରୁ ଜଳଲାଗି ଆଣିଥିଲେ। ହୋମ ଯଜ୍ଞ କର୍ମ ଏବଂ ନିତୀକାନ୍ତି ସହ ପୂଜାର୍ଚ୍ଚନା ହୋଇ ପୂର୍ଣ୍ଣାହୁତି ହୋଇଥିଲା। କାଯ୍ୟକର୍ତ୍ତା ଭାବେ ସୂର୍ଯ୍ୟକାନ୍ତ ବରାଳ ଓ ତାଙ୍କ ସହଧର୍ମିଣୀ ଯଜ୍ଞରେ ବସିଥିଲେ। ପୁରୋହିତ ମନ୍ତ୍ର ପାଠ ପୂଜାର୍ଚ୍ଚନା କରିଥିଲେ। ଗ୍ରାମ କମିଟିର ଅକ୍ଷୟ କୁମାର ବରାଳ, ଭାଗିରଥି ବରାଳ, ଶିଶିର ବରାଳ, ଅର୍ଜୁନ ସ୍ୱାଇଁ, ବିଜୟ ସ୍ୱାଇଁ ଓ କଳାକାର ରାଉତ ପ୍ରମୁଖ ସହଯୋଗ କରିଛନ୍ତି। ବିଭିନ୍ନ ଗ୍ରାମରୁ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଆସି ଶେଷରେ ପ୍ରସାଦ ସେବନ କରିଥିଲେ।





## ଜାତୀୟ ମତଦାତା ଦିବସ ଉପଲକ୍ଷେ ଗଣଦୌଡ଼

**କାମାକ୍ଷାନଗର, ୨୫।୧ (ସମିସ) :** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ସଦର ମହକୁମାରେ ଚାଲିଥିବା ୨ୟ ମହୋତ୍ସବ ଉପଲକ୍ଷେ ଗୁରୁବାର ସ୍ୱାସ୍ଥ୍ୟ ସଚେତନତା ଓ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ର, ସରକାରୀ ଅଧିକାରୀ, ଡାକ୍ତର ଓ ସାଧାରଣ ଲୋକ ଏକାଠି ହୋଇ ସ୍ଥାନୀୟ ହନୁମାନ ମନ୍ଦିରଠାରେ ଏକତ୍ରିତ ହୋଇଥିଲେ। ପ୍ରଥମେ ଭୋଟର ସଚେତନତା ନେଇ ଏକ ପଥପ୍ରାନ୍ତ ନାଟକର ଆୟୋଜନ ପରେ ଗଣଦୌଡ଼ ସହର ପରିକ୍ରମା କରି ସାରଙ୍ଗଧର ଷ୍ଟାଡିୟମରେ ପହଞ୍ଚିଥିଲା। ଭୋଟର ସଚେତନତା ଉପଲକ୍ଷେ ପ୍ରଶାସନ ପକ୍ଷରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ରଙ୍ଗୋଲି ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାମାକ୍ଷାନଗର ଉପଜିଲ୍ଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏସଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ବିଡିଓ ଅବିନାଶ ପାଣ୍ଡିଆ, ତହସିଲଦାର ପ୍ରିୟବ୍ରତ ଦାସ, ଡେପୁଟି କଲେକ୍ଟର ଡ଼ ତୃପ୍ତିମୟୀ ପ୍ରଧାନ, ସହକାରୀ ଜିଲ୍ଲାପାଳ ଦୀପକ ମିଶ୍ର, ମଦନମୋହନ ଜେନା, ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ପୂଣ୍ୟଶ୍ଳୋକ ପତି, ଡା ରିତେଶ କୁମାର ପଣ୍ଡା, ଡା. ଇନ୍ଦିରା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ ବାଳିକା ଦିବସ

**ଢେଙ୍କାନାଳ, ୨୫।୧ (ସମିସ) :** ସୁଲକ୍ଷଣା ଦେବୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜାତୀୟ ବାଳିକା ଦିବସ ଅନୁଷ୍ଠିତ ହୋଇଯାଇଛି। ସମଗ୍ର ଶିକ୍ଷା ଓ ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକରୁ ପ୍ରାୟ ୮୨ ଜଣ ଛାତ୍ରୀ ଯୋଗ ଦେଇଥିଲେ। ପୂର୍ବାହ୍ନରେ ଏହି କାର୍ଯ୍ୟକ୍ରମର ଉଦଘାଟନ କରାଯିବା ସହ କଲେକ୍ଟର କି କ୍ଲାସ ନାମରେ ଏକ ଅଭିନବ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା। ଅନୁରାଧା ଗୋସ୍ୱାମୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ଉଦଘାଟନୀ ସଭାରେ ଲଳିତ ମୋହନ ବେହେରା, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ), ଢେଙ୍କାନାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟ ସମ୍ମାନିତ ଅତିଥିଙ୍କ ଭିତରେ ବିନିତା ସେନାପତି, ଜିଲ୍ଲା ଶିକ୍ଷା ଅଧିକାରୀ, ପୁଷ୍ପକ ତ୍ରିପାଠୀ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଯୋଗଦେଇଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବାଗ୍ମିତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଦିନେଶ ଦାସ, ନିର୍ଦ୍ଦେଶକ, ଅଲଟରନେଟିଭ ରିଦିମ୍ ଥିଏଟରଙ୍କ ମାର୍ଗଦର୍ଶନରେ ଛାତ୍ରୀମାନେ ବିଭିନ୍ନ କଳାକୃତି ସବୁ ପ୍ରସ୍ତୁତ କରିଥିଲେ।




ଅପରାହ୍ନରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତି ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥିଙ୍କ ମଧ୍ୟରେ ଅନୁରାଧା ଗୋସ୍ୱାମୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ, ସସ୍ମିତା ସାହୁ, ଦିନେଶ ଦାସ, ନିର୍ଦ୍ଦେଶକ, ଅଲଟରନେଟିଭ ରିଦିମ ଥିଏଟର, କୃଷିଦା ବେଗମ୍, ଜିଲ୍ଲା ମଙ୍ଗଳ କମିଟି ସଭ୍ୟା, ପ୍ରଦୀପ୍ତା ପ୍ରିୟଦର୍ଶନୀ, ଜିଲ୍ଲା ବାଳିକା ଶିକ୍ଷା ସଂଯୋଜିକା, ସମଗ୍ର ଶିକ୍ଷା ପ୍ରମୁଖ ମଞ୍ଚାସୀନ ଥିଲେ। ବିଭିନ୍ନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀମାନେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଶ୍ରୀଜଗନ୍ନାଥ ସଂସ୍କୃତି ଆଲୋଚନାଚକ୍ର



**ଢେଙ୍କାନାଳ,୨୫।୧(ସମିସ):** ଢେଙ୍କାନାଳ ଜିଲ୍ଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୂଲ୍ୟରେ ନୂଆ-ଓ' ଅନ୍ତର୍ଗତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ନୂଆ-ଓ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଓ ପୂର୍ଣ୍ଣଚନ୍ଦ୍ର ବରାଳ, ଅଧ୍ୟାପିକା ମଞ୍ଜୁଳିକା ନାୟକ, ନୂଆ-ଓ' ର ଜିଲ୍ଲା ନୋଡାଲ ଅଧିକାରୀ ଡ.ଦେବାଶିଷ ମହାନ୍ତି ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଓଡିଆ ବିଭାଗର ମୁଖ୍ୟ ଶୁଭ୍ରକାନ୍ତ ପାଣି, ମହାବିଦ୍ୟାୟର ନୋଡାଲ ଅଧୀକାରୀ ଡ.ଅମୃତ କୁମାର ସେଠୀ, ଦର୍ଶନଶାସ୍ତ୍ର ବିଭାଗର ଅଧ୍ୟାପକ ଶାରଦା ପ୍ରସନ୍ନ ପତି ,ଜବାହରଲାଲ ନେହେରୁ ୟୁନିଭର୍ସିଟିର ଓଡ଼ିଆ ଭାଷା ଚେୟାର ପ୍ରଫେସର ଡ.ଉଦୟନାଥ ସାହୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବରେ ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗର ପ୍ରାକ୍ତନ ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର ଯୋଗଦେଇ ସାହିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାଚକ୍ରକୁ ଯୁକ୍ତ ଦୁଇ ନୋଡାଲ ଅଫିସର ଡ.ରବର୍ଟ ଉଇଲସନ ଭାତ୍ରା ଓ ରଶ୍ମିରଞ୍ଜନ ନାୟକ ପରିଚାଳନାକରିଥିଲେ। ଶେଷରେ ଡ.ବିକାଶରଞ୍ଜନ ରଣା ଧନ୍ୟବାଦ ଅର୍ପଣ କରୁଥିଲେ।

# ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

**ଢେଙ୍କାନାଳ, ୨୫।୧(ସମିସ)**

ନିଖିଳ ଉତ୍କଳ ୪ର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘ, ଢେଙ୍କାନାଳ ଜିଲ୍ଲାସ୍ତରୀୟ ୪୧ତମ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ ଢେଙ୍କାନାଳ ଜିଲ୍ଲା ଶାଖା କାର୍ଯ୍ୟାଳୟ ପରିସର ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକ ମୁଖ୍ୟ ଅତିଥି ଜିଲ୍ଲା ଶିକ୍ଷା ଅଧିକାରୀ ବିନିତା ସେନାପତିଙ୍କ ସଭାପତିତ୍ୱରେ ହୋଇଥିଲା। ମୁଖ୍ୟ ବକ୍ତାଭାବେ ଜଗନ୍ନାଥ ପାଢ଼ୀ, ରାଜ୍ୟ ସଂଘର କୋଷାଧ୍ୟକ୍ଷ ତ୍ରିନାଥ ସେଠୀ, ସୁବର୍ଣ୍ଣପୁର ଜିଲ୍ଲା ସଭାପତି ଜୟଦେବ ପାଟସାହାଣୀ, ବୌଦ୍ଧ ଜିଲ୍ଲା ସଭାପତି କିଶୋର ପଟ୍ଟନାୟକ, ଢେଙ୍କାନାଳ ଜିଲ୍ଲା ଉପଦେଷ୍ଟା ପ୍ରମୋଦ ରାଉତ, ସଭାପତି ନିରଞ୍ଜନ ନାୟକ ସଭା ପରିଚାଳନା କରିଥିଲେ। ଜିଲ୍ଲାର ୮ ଗୋଟି ବ୍ଲକର କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା ୮ ଗୋଟି ଦାବିକୁ ରାଜ୍ୟ ସଂଘ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ଦେବାପାଇଁ ଅନୁରୋଧ କରାଗଲା। ସଭା ଶେଷରେ ଜିଲ୍ଲା ସମ୍ପାଦକ ନିଳମଣି ବାରିକ ଧନ୍ୟବାଦ ଦେଇ ସଭାକାର୍ଯ୍ୟ ସାଙ୍ଗ କରିଥିଲେ।




## ସନ୍ଥକବିଙ୍କ ଗୀତିନାଟ୍ୟ 'ପାଣ୍ଡୁଲିପି' ସମର୍ପିତ



**ଢେଙ୍କାନାଳ,୨୫।୧(ସମିସ):** ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ମହିମାଗାଦୀର ଆଦିପୀଠ ମହିମାଗାଦୀରେ ମହିମା ଧର୍ମର ପ୍ରଚାରକ ସନ୍ଥକବି ଭୀମଭୋଇଙ୍କ ଗୀତିନାଟ୍ର ପାଣ୍ଡୁଲିପି ପୂଜନ ସହିତ ସମର୍ପିତ କରାଯାଇଛି। ଗୀତିନାଟ୍ୟର ଲେଖକ ଅବନୀ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହିମାପୀଠର ବଲ୍କଳଧାରୀ ମହିମା ସମାଜ ପକ୍ଷରୁ ବାବା ପ୍ରଫୁଲ୍ଲ ଦାସ, ବାବା ବିଶ୍ୱାନନ୍ଦ ଦାସ, ବାବା ଚୈତନ୍ୟଦାସ. ସାଧୁ ବିକ୍ରମ ଦାସ, ବାବା ବ୍ରହ୍ମାନନ୍ଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୌପୁନୀଧାରୀ ମହିମା ସମାଜର ବାବା ରଘୁନାଥ ଦାସ ଉପସ୍ଥିତ ରହି ମହିମା ଅଲେଖଙ୍କୁ ସମର୍ପିତ କରିଥିଲେ। ଏହି ଅବସରରେ ଶତ୍ରୁଘ୍ନ ମାଟି, ଅଶୋକ କୁମାର ଦାସ, କିଶୋର ଚନ୍ଦ୍ର ରାଉତ, ଅମ୍ବିକା ପ୍ରସାଦ ପଟ୍ଟନାୟକ, ପୂର୍ଣ୍ଣଚନ୍ଦ୍ର ଦେବତା, ପୃଥ୍ୱିଦୀପ୍ତ ଭୁଷଣ୍ଡ, ଶରତ କୁମାର ବେହେରା, ରଶ୍ମିରଞ୍ଜନ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଗୀତିନାଟ୍ୟକୁ ଦିଲେଶ୍ୱର ମହାରଣା ଦିଗଦର୍ଶନ ଦେଇଥିବା ବେଳେ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି ନିର୍ଦ୍ଦେଶନା ଦେବାର ଯୋଜନା ରହିଛି।















### ନନ୍ଦିରା ନଈକୂଳ ପାଲଟିଛି ପିକ୍‌ନିକ୍ ସ୍ପଟ୍

# ପର୍ଯ୍ୟଟକଙ୍କ ମନମୋହୁଛି ଲଣ୍ଡା ପାହାଡ଼ର ଭରପୂର ସବୁଜିମା






- ଆକୃଷ୍ଟ କରୁଛି ହନୁମାନ ବାଟିକା ଓ ମୁକ୍ତିମାର୍ଗ
- ବଢ଼ୁଛି ପର୍ଯ୍ୟଟକଙ୍କ ସଂଖ୍ୟା, ଜମୁଛି ବଣଭୋଜି

**ନାଲକୋ ନଗର, ୨୫।୧ ( ବନମାଳୀ ନାଏକ):**



ଚିରସ୍ରୋତା ନନ୍ଦିରା ନଈ ଉପରେ ଅବବାହିକାର ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ଦୈନନ୍ଦିନ ଚଳଣି, ଚାଷ ଓ ଗୋପାଳନ ନିର୍ଭରଶୀଳ ଥିଲା। ଏହି ନଈ ଅଞ୍ଚଳବାସୀଙ୍କ ପାଇଁ ଜୀବନରେଖା ଥିଲା। ଶିଳ୍ପ ପ୍ରଦୂଷଣରେ ତଳ ଅଞ୍ଚଳରେ ଏହି ନଈ ବିଷ ଜ୍ୱାଳାରେ ଭରିଛି। ତେବେ ପ୍ରକୃତିର ସେହି ମହାନ ଅବଦାନ ଓ ନଈର କୁଳୁ କୁଳୁ ନାଦ ଲୋକଙ୍କ ମନକୁ ବିମୋହିତ କରୁଛି। ଅନୁଗୋଳ ସହରଠାରୁ କୁରୁଡୋଲ ଗାଁ ଦେଇ ତାଳଚେର ଏଫସିଆଇ ଯିବା ବାଟରେ ନନ୍ଦିରା ନଈ ସେତୁ ଅତିକ୍ରମ କରିବାକୁ ପଡ଼େ। ନଈର ଉଭୟ ପାର୍ଶ୍ୱରେ ଗଢିଉଠିଛି ପର୍ଯ୍ୟଟନ ସ୍ଥଳ। ନଈ ଏପାଖେ କୁରୁଦୋଲ ଗାଁର ହନୁମାନ ବାଟିକା, ସ୍ୱାମୀ ନାରାୟଣ ଆଶ୍ରମ ଗଢିଉଠିଛି। ନଈର ଅପରପାର୍ଶ୍ୱ କୂଳକୁ ଲାଗିଛି ଏକଦା କୁକୁଡ଼ାଙ୍ଗ ଗାଁ ଲଣ୍ଡା ପାହାଡ଼। ଆଜି ସେହି ପରିତ୍ୟକ୍ତ ପତିତ ଭୂମି ସବୁଜିମା ପାଲଟିଲା ପରେ ହଜାର ହଜାର ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିଛି। ଆଖ ପାଖ ଅଞ୍ଚଳବାସୀଙ୍କ ପାଇଁ ବଣଭୋଜି, ପାର୍ଟି ପିକନିକ, ଆମୋଦ ପ୍ରମୋଦର ସ୍ଥାନ ହୋଇଛି। ଏହି ଉଦ୍ୟାନକୁ ଆଖ ପାଖ ଗ୍ରାମାଞ୍ଚଳ ସମେତ ଅନୁଗୋଳ, ନାଲକୋ, ଭୂଷଣ, ଏମସିଏଲ କମ୍ପାନୀ କର୍ମଚାରୀମାନେ ଚିତ୍ତବିନୋଦନ ପାଇଁ ଆସିଥାନ୍ତି। ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀ ଦର୍ଶନୀୟ ଉଦ୍ୟାନ ପରିଭ୍ରମଣ କରିବା ସହ ବଣଭୋଜିର ଆୟୋଜନ କରିଥାନ୍ତି। ପିକନିକ ଋତୁରେ ଛୁଟିଦିନ ମାନଙ୍କରେ ୫/୬ହଜାର ଲୋକ ଭୋଜି କରିବାକୁ ଏଠାକୁ ଆସିଥାନ୍ତି। ସହରଠାରୁ ଦୂରତା, ନିରୋଳା ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ଶାନ୍ତ ପରିବେଶ, ପାନୀୟ ଜଳ, ପାର୍କିଂ ଏବଂ ସର୍ବୋପରି ନିଃଶୁଳ୍କ ପ୍ରବେଶ ସୁବିଧାକୁ ଦୃଷ୍ଟିରେ ରଖି ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିବାକୁ ପସନ୍ଦ କରିଥାନ୍ତି।

ବଦଳିଛି ଅଞ୍ଚଳର ଭିତ୍ତିଭୂମି। ସବୁଜିମାରେ ଭରପୂର ଲଣ୍ଡା ପାହାଡ଼ ହୋଇଛି ପର୍ଯ୍ୟଟନ ସ୍ଥଳ। ୨୦୦୫ ମସିହାରୁ ନିରନ୍ତର ଭାବେ ବୃକ୍ଷ ଲାଗଇ ଚାଲିଛନ୍ତି ଗ୍ରାମର ପ୍ରମୋଦ ସାହୁ। ୧୪ ଏକର ପରିମିତ ଜାଗାରେ ସୃଷ୍ଟିହୋଇଛି ଉପବନ ଉଦ୍ୟାନ। ଉଦ୍ୟାନରେ ଭରିରହିଛି ତୁଳସୀ ବଣ ସମେତ ବିଭିନ୍ନ ଔଷଧୀୟ, ଫଳ ଫୁଲ, ନାନା ପ୍ରକାରର ସୌନ୍ଦର୍ଯ୍ୟ ବୃକ୍ଷ। କଂକ୍ରିଟ ପାଦଚଲା ରାସ୍ତା, ବିଭିନ୍ନ ଦେବାଦେବୀ ଏବଂ ମହାପୁରୁଷଙ୍କ ପଥର ମୂର୍ତ୍ତି ସ୍ଥାନୀତ ହୋଇଛି। ପ୍ରବେଶ ପଥରେ ସୁନ୍ଦର ଫାଟକ ନିର୍ମାଣ ହୋଇଛି। ନଈ ତୁଠରେ ତିଆରି ହୋଇଛି ପକ୍କା ପାହାଚର ଘାଟ। ନଈ ମଝିରେ ଶିବଙ୍କ ପ୍ରତିମୂର୍ତ୍ତି ପରିବେଶକୁ ଅଧିକ ଆକର୍ଷଣୀୟ କରିବା ସହିତ ଧାର୍ମିକ ବାତାବରଣ ସୃଷ୍ଟି କରୁଛି। ଶୈବ ଉପାସକ କାଇଡ଼ିଆମାନେ ଏହି ଘାଟରୁ ଜଳ ଉଠାଇ ବ୍ରତପାଳନ କରିଥାନ୍ତି। ଗାଁ ଲୋକମାନେ ଅପରାହ୍ନରେ ଉଦ୍ୟାନରେ ସୌନ୍ଦର୍ଯ୍ୟ ଉପଭୋଗ କରନ୍ତି। ଉଦ୍ୟାନ ମଧ୍ୟ ସ୍ଥଳରେ ନାରାୟଣ ସେବାଶ୍ରମ ରହିଛି। ଏହି ସେବାଶ୍ରମରେ ଧାର୍ମିକ ଅନୁଚିନ୍ତନ ପାଲା, ସଂକୀର୍ତ୍ତନ ମଧ୍ୟ ଅନୁଷ୍ଠିତ ହୁଏ। ନଈର ଅପରପାର୍ଶ୍ୱରେ ରହିଛି କୁରୁଡ଼ୋଳ ଗ୍ରାମର ହନୁମାନ ବାଟିକା। ଗ୍ରାମର ପ୍ରକୃତିପ୍ରେମୀ ଯୁବକ ଗିରୀଶ ପ୍ରଧାନ ସାଥୀଙ୍କୁ ନେଇ ସୁଉଚ୍ଚ ହନୁମାନ ବିଗ୍ରହ ପ୍ରତିଷ୍ଠା କରିଥିଲେ। ୧୦ ଏକର ପରିମିତ ଜାଗା ଆଜି ଉପବନ ହୋଇଛି। ଉପବନରେ ଭଳିକି ଭଳି ଫୁଲଗଛର ସମାରୋହ ସାଙ୍ଗକୁ ଚିଲଡ୍ରେନ ପାର୍କର ଦୋଳି, ଫାଉଣ୍ଟେନ, ସୁଇମିଂ ପୁଲ, ଆମ୍ବ, ଚାକୁଣ୍ଡା ବଣରେ ବଣ ଭୋଜିଭାତର ମଜ଼ା ଉଠାଇବାକୁ ଧାଇଁ ଆସୁଛନ୍ତି ଦୂର ଦୁରାନ୍ତରୁ ଲୋକେ। ୪ ବର୍ଷ ହେଲାଣି ପିକନିକ ଋତୁରେ ଛୁଟି ଦିନରେ ୫୦/୭୦ ଟିମ ଏଠାକୁ ବଣଭୋଜି କରିବାକୁ ଆସିଥାନ୍ତି ବୋଲି ଉତ୍କଳ କ୍ଲବ ହନୁମାନ ବାଟିକା ପରିଚାଳନା କମିଟି ସୂତ୍ରରୁ ପ୍ରକାଶ କରାଯାଇଛି। ଗାଁ ଯୁବକ ତଥା କମିଟି କର୍ମକର୍ତ୍ତାମାନେ ପର୍ଯ୍ୟଟକଙ୍କ ଗାଡ଼ି ପାର୍କିଂ, ବିଶ୍ରାମାଗାର, ଶୌଚାଳୟ, ପାନୀୟ ଜଳଯୋଗାଣ ଆଦିର ସୁବିଧା ସୁଯୋଗ ପ୍ରଦାନ କରିଥାନ୍ତି। କମିଟିର ମନୋଜ ସାହୁ, ଗିରୀଶ ପ୍ରଧାନ, , ଅନୀଲ ସାହୁ, ବିଜୟ ସାହୁ, ଜିଲୁ ସବୁ, ବାବୁ ବାରିକ, ମନୋରଞ୍ଜନ ସାହୁ, ପ୍ରଦ୍ୟୁମ୍ନ ସାହୁ, ସୁର୍ଯ୍ୟକାନ୍ତ ସାହୁ, ପୁପୁନା ବିଶ୍ୱାଳ ପ୍ରମୁଖ ସଦସ୍ୟଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହନୁମାନ ବାଟିକାର ସୌନ୍ଦର୍ଯ୍ୟକରଣ ଓ ଉନ୍ନତିକରଣ ପାଇଁ ସ୍ୱତନ୍ତ୍ର ସହାୟତା ଯୋଜନାରେ ସରକାରୀ ଅନୁଦାନ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଆଗାମୀ ଦିନରେ ଆହୁରି ଆକର୍ଷଣୀୟ ହେବ ଏବଂ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବ ବୋଲି କମିଟି କର୍ମକର୍ତ୍ତା ଆଶାବାଦୀ ଥିବା ପ୍ରକାଶ କରିଛନ୍ତି।

# ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ତାଲିମ୍

**ଭୁବନ, ୨୫।୧(ସମିସ):** ଭୁବନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ୍ ଶିବିର ଉଦ୍ ଯାପିତ ହୋଇଯାଇଛି। ନୋଡାଲ ଅଧିକାରୀ ବାସନ୍ତୀ ବେହେରାଙ୍କ ତତ୍ତ୍ୱାବଧାନରେ ସିଲା ବେହେରା ଓ ଭାଗ୍ୟବତୀ ସିଂ ପ୍ରଶିକ୍ଷଣ ପ୍ରଦର୍ଶନ କରିଥିଲେ। ସଭାପତି ଭାବେ ସଂସ୍କୃତ ବିଭାଗର ଅଧ୍ୟାପିକା ସୁପ୍ତିମୟୀ ସେନ୍ ଉପସ୍ଥିତ ରହି ଛାତ୍ରୀଙ୍କୁ ଆତ୍ମରକ୍ଷା ସମ୍ପର୍କରେ ବିଶେଷ ଭାବେ ବୁଝାଇଥିଲେ। ଓଡ଼ିଆ ବିଭାଗର ଅଧ୍ୟାପିକା ନମିତା ଦ୍ୱିବେଦୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ସଭାରେ ବାଣିଜ୍ୟ ବିଭାଗର ଅଧ୍ୟାପକ ସୁଧାଂଶୁ ଶେଖର ବେହେରା ଉପସ୍ଥିତ ଥିଲେ।










